The Odisha Gazette

EXTRAORDINARY

PUBLISHED BY AUTHORITY

No. 1811 CUTTACK, MONDAY, SEPTEMBER 24, 2018/ASWINA 2, 1940

## ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

ଅଧିସୂଚନା

Dated 29-08-2018

No. 13634--LA-IX-4/2016--ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦେଶ୍ୟରେ ଅର୍ଥାତ ଖୋର୍ଦ୍ଧା ଜିଲ୍ଲାର ତରତୁଆ ମୌଜା ରେ ଆଇ.ଟି.ବି.ପି. ସେକ୍ଟର ହେଡକ୍ୱାର୍ଟର ପ୍ରତିଷ୍ଠା ନିମନ୍ତେ ସରକାର (Appropriate Government), ସରକାରୀ ବ୍ୟୟରେ ମୌଜା-ତରତୁଆ, ଥାନା-ଖୋର୍ଦ୍ଧା, ତହସିଲ-ଖୋର୍ଦ୍ଧା, ଜିଲ୍ଲା-ଖୋର୍ଦ୍ଧାରେ ନିମ୍ନ ତଫସିଲମତେ ପ୍ରାୟ ଏ. ୦.୫୧୫ ଡେସିମିଲ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ;

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଛତା ଆଇନ, ୨୦୧୩ (RFCTLAR&R Act, 2013) ର ୧୧(୧)ଧାରା ରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ବାରା ନିମ୍ନ ଅନୁସୂଚି ରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଛତା ଆଇନ୍, ୨୦୧୩ ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

## ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧- ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ତରତୁଆ ମୌଜା ରେ ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା- ଆଇ.ଟି.ବି.ପି. ସେକ୍ଟର ହେଡକ୍ୱାର୍ଟର ପ୍ରତିଷ୍ଠା ନିମନ୍ତେ ।

୨- ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ- କମାଣ୍ଡାଣ୍ଟ (ଇଂଜିନିୟର), ଏସ.ଏଚ.କ୍ୟୁ. (ଭୁବନେଶ୍ୱର), ଆଇ.ଟି.ବି.ପି., ତରତୁଆ, ଖୋର୍ଦ୍ଧା ।

୩- କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ସାର୍ବଜନୀନ ଉଦ୍ଦେଶ୍ୟରେ ତରତୁଆ ମୌଜାରେ ଆଇ.ଟି.ବି.ପି ସେକ୍ଟର ହେଡକ୍ୱାର୍ଟର ପ୍ରତିଷ୍ଠା ନିମନ୍ତେ କାର୍ଯ୍ୟକାରି କରିବା ।

୪- ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଓଡିଶା ସରକାର ରାଜସ୍ୱ ଓ ପରିଚାଳନା ବିଭାଗ ଘୋଷଣାନାମା ଚିଠି ସଂଖ୍ୟା. ୧୭୩୬୮ /ତା. ୧୪.୦୫.୨୦୧୮ ରିଖ ପ୍ରକାରେ ଭୂମି ଅଧିଗ୍ରହଣ ନିମନ୍ତେ ୮(୨) ଧାରା ରେ ଅନୁମୋଦନ ହୋଇଅଛି ।

୫- ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ- ଉପଜିଲ୍ଲାପାଳ, ଖୋର୍ଦ୍ଧା ।

୬- ଜମିର ବିବରଣୀ –

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟ ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଖୋର୍ଦ୍ଧା | ଖୋର୍ଦ୍ଧା | ତରତୁଆ | ଗ୍ରାମାଞ୍ଚଳ | ଏଥି ସଂହିତ ସଲଗ୍ନ | ଏଥିସହିତ ସଂଲଗ୍ନ | ୦.୫୧୫ | ୦.୫୧୫ | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଖୋର୍ଦ୍ଧାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଖୋର୍ଦ୍ଧା ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚିତ)**

**ଜିଲ୍ଲା- ଖୋର୍ଦ୍ଧା, ତହସିଲ-ଖୋର୍ଦ୍ଧା, ମୌଜା-ତରତୁଆ**

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟ ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| ଖୋର୍ଦ୍ଧା | ଖୋର୍ଦ୍ଧା | ତରତୁଆ | ଗ୍ରାମାଞ୍ଚଳ | ୭୯ | ୧୩୬୩ | ୦.୦୩୧ | ୦.୦୩୧ | କରିମନ ବିବି, ସ୍ୱା-ସେକ ଅସରଫ ଅଲି, ତରତୁଆ । |
| | | | | ୩୧ | ୧୩୬୪ | ୦.୨୭୮ | ୦.୨୭୮ | ଅଲିମା ବିବି, ସ୍ୱା-ମହମ୍ମଦ ତହିଦ, ବେଣାପଞ୍ଜରୀ । |
| | | | | ୭୬୪/୯୫ | ୧୩୬୫ | ୦.୧୦୩ | ୦.୧୦୩ | ଖୁର୍ଶିଦା ବେଗମ, ସ୍ୱା-ସେକ ଅବରାରୁଦ୍ଦିନ, ତରତୁଆ । |
| | | | | ୬୬୧ | ୧୩୬୬ | ୦.୧୦୩ | ୦.୧୦୩ | ସମଦ ଖାଁ, ଅଜମତ ଖାଁ, ରଜମତ ଖାଁ, ପି-ରହେମତ ଖାଁ, ମୋଟରି । |

**ମୋଟ ଏ. ୦.୫୧୫**

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ

**ନିର୍ମଳ ଚନ୍ଦ୍ର ମିଶ୍ର**

ଜିଲ୍ଲାପାଳ, ଖୋର୍ଦ୍ଧା

Printed and Published by the Director,Directorate of Printing, Stationery and Publication, Odisha, Cuttack-10
Ex. Gaz. 1288–173+15